# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

No RDM-LAA-JSP-0017-2023- 44000 /R&DM, Dated 15 DEC 2023

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, ଜଗତସିଂହପୁରଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ, ଭୁବନେଶ୍ୱର।

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ରେ ଶିଳ୍ପ ପ୍ରତିଷ୍ଠା ଏବଂ ଆନୁସଙ୍ଗିକ ସୁବିଧା ନିମନ୍ତେ ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ : ARKITECHNO Consultants(India) Pvt. Ltd. N-3/91, I.R.C. Village, Nayapalli, Bhubaneswar-751015, Odisha under Nabakrushna Choudhury Centre for Development Studies , Bhubaneswar .

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା ;- Nabakrushna Choudhury Centre for Development Studies , Bhubaneswar ,Phone No. 0674- 2300471, 2301094

୫. ପ୍ରକଳ୍ପ ପାଇଁ ଜଗତସିଂହପୁର ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ଜିଲ୍ଲା | ତହସିଲ | ଗ୍ରାମ | ବେସରକାରୀ ଜମି(ଏକର) |
|---|---|---|---|---|
| ୧ | ଜଗତସିଂହପୁର | ଏରସମା | ଗଡକୁଜଙ୍ଗ | ୨୧୨.୭୦୧୩ |
| | | | **ସର୍ବମୋଟ** | **୨୧୨.୭୦୧୩** |

- ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି ।

a. **ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ** :- ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ୧ ଗୋଟି ମୌଜା(ଗଡକୁଜଙ୍ଗ) ରେ ଏ. **୨୧୨.୭୦୧୩** ପରିସୀମାରେ ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ରେ ଶିଳ୍ପ ପ୍ରତିଷ୍ଠା ଏବଂ ଆନୁସଙ୍ଗିକ ସୁବିଧା ନିମନ୍ତେ IDCO, Bhubaneswar ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- ଜଗତସିଂହପୁର ଜିଲ୍ଲା ରେ ଉପରୋକ୍ତ ୧ ଗୋଟି ମୌଜା ରେ **ଏକର ୨୧୨.୭୦୧୩**

ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c. **ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?** ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

d. **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

e. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୯୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

ଶ୍ରୀକାନ୍ତ ତରାଇ
ସ୍ୱତନ୍ତ୍ର ଶାସନ ସଚିବ

Memo No. 44001 /Rev & DM, Dated 15 DEC 2023

Copy along with the land schedule forwarded to the Director, Printing Stationery and Publication, Odisha, Cuttack for information and necessary action. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

15.12.2023

Under Secretary to Government

Memo No. 44002 /Rev & DM, Dated 15 DEC 2023

Copy forwarded to Industries Department/ CGM(Land), IDCO, Bhubaneswar for information and necessary action.

Bhatpathy 15.12.2023

Under Secretary to Government

Memo No. 44003 /Rev & DM, Dated 15 DEC 2023

Copy forwarded to RDC(CD), Cuttack /Collector, Jagatsinghpur / Land Acquisition Officer ,MIP, Jagatsinghpur for information and necessary action.

Bhatpathy 15.12.2023

Under Secretary to Government

Memo No. 44004 /Rev & DM, Dated 15 DEC 2023

Copy forwarded to the State Co-ordinator ,Nabakrushna Choudhury Centre for Development Studies ,Bhubaneswar for information and necessary action.( email : *ncdsbbsr1987@gmail.com*).

Bhatpathy 15.12.2023

Under Secretary to Government

Memo No. 44005 /Rev & DM, Dated 15 DEC 2023

Copy forwarded to the E-Governance Branch with a request to upload the Notification in the website.

Bhatpathy 15.12.2023

Under Secretary to Government

| | | | | | | |
|---|---|---|---|---|---|---|
| ୫୯୨ | ୬୩୮/୫୪୬ | ୨୯୪ | ୦.୧୬୦୦ | ୦.୧୬୦୦ | ଶାରଦ ଦୁଇ | ଚହଲି ମଲିକ, ଚହଲି ମଲିକ, ଭରନ ମଲିକ ପି: ଗୋପି ମଲିକ, ଚମ୍ପା ଦେଇ ସ୍ୱା: ଗୋପି ମଲିକ, ଗୁଡ଼ି ମଲିକ ପି: ଭବ ମଲିକ, ପଦନ ମଲିକ ପି: ହରି ମଲିକ, ନଟବର ମଲିକ ପି: ପଦନ ମଲିକ ଗ୍ରା: କଣ୍ଡରା, ପ୍ରଭାକର ଦାସ ପି: ବିଶ୍ୱନ ଦାସ ଗ୍ରା: ଗୋପାଳ ବା: ନୂଆଗାଁ |
| ୫୯୩ | ୬୩୮/୫୪୬ | ୨୯୪/୨୫୨୯ | ୦.୦୪୦୦ | ୦.୦୪୦୦ | ଶାରଦ ଦୁଇ | ସୁବୋଧ କୁମାର ଦାସ ପି:ସନାତନ ଦାସ ଗ୍ରା: ଗୋପାଳ ବା: ନୂଆଗାଁ |
| ୫୯୪ | ୩୫୦ | ୨୩୫ | ୦.୨୯୦୦ | ୦.୨୯୦୦ | ଶାରଦ ଦୁଇ | ବାସୁଦେବ ନାୟକ ପି: ବୃନ୍ଦାବନ ନାୟକ ଗ୍ରା: ଖଣ୍ଡାୟତ ବା: ବନବୁନ୍ଦା, ଭରତ ସାହାଣୀ, ମମତା ଦେଈ, ଶତ୍ରୁଘ୍ନ ସାହାଣୀ ପି: ଭଗବାନ ସାହାଣୀ ଗ୍ରା: ଖଣ୍ଡାୟତ ବା: ନୂଆଗାଁ |
| ୫୯୫ | ୬୩୮/୫୯୬ | ୨୩୫/ | ୦.୨୯୦୦ | ୦.୨୯୦୦ | ଶାରଦ ଦୁଇ | ଶ୍ରୀ ଚନ୍ଦନ ମହାନ୍ତି ପି:ନିରଞ୍ଜନ ମହାନ୍ତି ଗ୍ରା: କରଣ ବା: ସାହାପୁର ଥା: ମାହାଙ୍ଗା ଜି: କଟକ |
| ୫୯୬ | ୬୩୯/୬୩୧ | ୧୦୬ | ୦.୩୩୦୪ | ୦.୩୩୦୪ | ଶାରଦ ଦୁଇ | ଅରକ୍ଷିତ ସ୍ୱାଇଁ ପି:ନବୀନ କୁମାର ସ୍ୱାଇଁ ଗ୍ରା: ଖଣ୍ଡାୟତ ବା: ନୂଆଗାଁ |
| ୫୯୭ | ୬୩୯/୬୬୦ | ୧୦୬ | ୦.୩୩୦୪ | ୦.୩୩୦୪ | ଶାରଦ ଦୁଇ | ଗୋଲାପରାଣୀ ଭାରତ ସ୍ୱା:ଅରକ୍ଷିତ ସ୍ୱାଇଁ ଗ୍ରା: ଖଣ୍ଡାୟତ ବା: ନୂଆଗାଁ, ଅଲୟଚାନ୍ଦପୁର, ଜଗତସିଂପୁର |
| ମୋଟ | | ୫୯୭ | ୨୧୨.୬୦୧୩୦ | ୨୧୨.୬୦୧୩୦ | | |

ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ
Spl. Land Acquisition Officer
Major Industrial Project
Jagatsinghpur